# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

**9 November - 2024**

**News Editor : Itishree Singh Rathore**

**************************************

## ମୁଖ୍ୟ ସମ୍ବାଦ

- ସୁନ୍ଦରଗଡ଼ରେ ଆସନ୍ତା ୨୪ ତାରିଖରେ ସୁଭଦ୍ରା ଯୋଜନାର ତୃତୀୟ ପର୍ଯ୍ୟାୟ ଅର୍ଥରାଶି ପ୍ରଦାନ କରାଯିବ କହିଲେ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ।
- ରାଜ୍ୟର ପ୍ରତି ବ୍ଲକ୍‌ରେ ଓମ୍‌ଫେଡ ବିକ୍ରୟ କେନ୍ଦ୍ର ପ୍ରତିଷ୍ଠା ନେଇ ସୂଚନା ଦେଲେ ବିଭାଗୀୟ ମନ୍ତ୍ରୀ ।
- ଆସନ୍ତା କାଲି ଅଁଳାନବମୀ : ପୁରୀ ସାକ୍ଷୀଗୋପୀନାଥ ମନ୍ଦିରରେ ରାଧାପାଦ ଦର୍ଶନ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ।

ଏବଂ

- ରାଜ୍ୟବ୍ୟାପୀ ଆଜି ପାଳନ କରାଯାଉଛି ଜାତୀୟ ଆଇନ ସେବା ଦିବସ ।

*BBSR*

## ସୁଭଦ୍ରା ଯୋଜନା

ସୁନ୍ଦରଗଡ଼ରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଆସନ୍ତା ୨୪ ତାରିଖରେ ସୁଭଦ୍ରା ଯୋଜନାର ପ୍ରଥମ କିସ୍ତିର ତୃତୀୟ ପର୍ଯ୍ୟାୟ ଅର୍ଥରାଶି ପ୍ରଦାନ କରାଯିବ। ଏଥିରେ ୨୦ ଲକ୍ଷରୁ ଅଧିକ ହିତାଧିକାରୀଙ୍କ ଖାତାକୁ ଏହି ଅର୍ଥରାଶି ଡିବିଟି ମାଧ୍ୟମରେ ହସ୍ତାନ୍ତର କରାଯିବ ବୋଲି ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି। ଏହି ଯୋଜନାରେ ୨ ଲକ୍ଷ ୬୭ ହଜାର ଆବେଦନକୁ ଅଗ୍ରାହ୍ୟ କରାଯାଇଛି। ଆବେଦନପତ୍ରରେ ରହିଥିବା ତ୍ରୁଟି ଆଧାରରେ ଏହି ନିଷ୍ପତ୍ତି ନିଆଯାଇଛି ବୋଲି ସେ ସୂଚନା ଦେଇଛନ୍ତି। ଏହି ତାଲିକା ଜିଲ୍ଲାପାଳଙ୍କ ଜରିଆରେ ବ୍ଲକଗୁଡ଼ିକୁ ପଠାଯାଇଛି। ଆଧାରକାର୍ଡ ଏବଂ ବ୍ୟାଙ୍କ ତ୍ରୁଟି ସଂଶୋଧିତ ହେଲେ ତୃତୀୟ ପର୍ଯ୍ୟାୟରେ ସୁଭଦ୍ରା ରାଶି ପ୍ରଦାନ କରାଯିବ ବୋଲି ସେ କହିଛନ୍ତି। ନଚେତ୍ ସେହି ରାଶି ଚତୁର୍ଥ ପର୍ଯ୍ୟାୟରେ ପ୍ରଦାନ କରାଯିବ ବୋଲି ଉପ-ମୁଖ୍ୟମନ୍ତ୍ରୀ କହିଛନ୍ତି। ପ୍ରତ୍ୟେକ ଯୋଗ୍ୟ ହିତାଧିକାରୀଙ୍କୁ ସୁଭଦ୍ରା ଯୋଜନାର ସୁଫଳ ପ୍ରଦାନ କରାଯିବ ବୋଲି ସେ କହିଛନ୍ତି।

**- V/O –**

*BBSR*

## ପ୍ରତି ବ୍ଲକ୍‌ରେ ଓମ୍‌ଫେଡ ବିକ୍ରୟକେନ୍ଦ୍ର ପ୍ରତିଷ୍ଠା

ଗ୍ରାମାଞ୍ଚଳରେ ବୃଦ୍ଧି ପାଉଥିବା ଓମ୍‌ଫେଡ୍‌ର ଚାହିଦାକୁ ଦୃଷ୍ଟିରେ ରଖି ରାଜ୍ୟର ପ୍ରତି ବ୍ଲକରେ ଓମ୍‌ଫେଡ୍‌ ବିକ୍ରୟକେନ୍ଦ୍ର ପ୍ରତିଷ୍ଠା ପାଇଁ ପଦକ୍ଷେପ ନିଆଯିବ ବୋଲି ପଶୁ ଓ ମତ୍ସ୍ୟସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ କହିଛନ୍ତି । ମନ୍ଦିରଗୁଡ଼ିକରେ ଓମ୍‌ଫେଡ ଘିଅର ବ୍ୟବହାରକୁ ନିଶ୍ଚିତ କରିବା ଲାଗି ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ସେ ସୂଚନା ଦେଇଛନ୍ତି । ଗୋଧନ ସଂରକ୍ଷଣ ନେଇ ସରକାର ପ୍ରତିଶ୍ରୁତିବଦ୍ଧ । ସେ କହିଛନ୍ତି ରାଜ୍ୟରେ କାମଧେନୁ ଯୋଜନା କାର୍ଯ୍ୟକାରୀ କରିବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି । ଏହି ଯୋଜନା ଅଧିନରେ ଗୋସମ୍ପଦର ସୁରକ୍ଷା, ବଂଶବୃଦ୍ଧି, ଦୁଗ୍ଧ ଉତ୍ପାଦନ ବୃଦ୍ଧି ଏବଂ ଜୈବିକ ସାର ଉତ୍ପାଦନ କ୍ଷେତ୍ରରେ ଗୁରୁତ୍ୱ ପ୍ରଦାନ କରାଯିବ । ଏହି ଯୋଜନାର ସଫଳ କାର୍ଯ୍ୟାନ୍ୱୟନ ନେଇ ଉପମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଏକ କମିଟି ଗଠନ କରାଯାଇଛି । ଏଥିରେ ୫ ଜଣ ମନ୍ତ୍ରୀ ଓ ସଚିବ ସଦସ୍ୟ ରହିଛନ୍ତି ବୋଲି ମନ୍ତ୍ରୀ ଶ୍ରୀ ମଲ୍ଲିକ କହିଛନ୍ତି । କାମଧେନୁ ଯୋଜନା ପାଇଁ ୧ ହଜାର ୪୨୩ କୋଟି ଟଙ୍କାର ବ୍ୟୟ ଅଟକଳ ରହିଛି । ଗୋଚାଲାଣକାରୀ ଏବଂ ଗୋହତ୍ୟାରେ ସାମିଲ ଥିବା ଲୋକଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ ଶ୍ରୀ ମଲ୍ଲିକ ସତର୍କ କରାଇ ଦେଇଛନ୍ତି ।

***Desk***

## ମୁଖ୍ୟମନ୍ତ୍ରୀଙ୍କ ବିଦ୍ୟୁତ୍‌ ଚାହିଦା ନିମନ୍ତେ ପରାମର୍ଶ

ଆସନ୍ତା ୫ ବର୍ଷ ପର୍ଯ୍ୟନ୍ତ ରାଜ୍ୟରେ ବିଦ୍ୟୁତ୍ ଚାହିଦାକୁ ଦୃଷ୍ଟିରେ ରଖି ଆନୁଷଙ୍ଗିକ ପଦକ୍ଷେପ ଗ୍ରହଣ କରିବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ନିର୍ଦ୍ଦେଶ ଦେଇଛନ୍ତି। ବିଦ୍ୟୁତ୍ ଉତ୍ପାଦନ, ସରବରାହ ଏବଂ ବିତରଣ ବ୍ୟବସ୍ଥା ନେଇ ଏକ ରୋଡମ୍ୟାପ୍ ପ୍ରସ୍ତୁତ କରିବାକୁ ମୁଖ୍ୟମନ୍ତ୍ରୀ ସମ୍ପୃକ୍ତ ବିଭାଗକୁ ପରାମର୍ଶ ଦେଇଛନ୍ତି। ରାଜ୍ୟରେ ବିଦ୍ୟୁତ୍ ବ୍ୟବସ୍ଥା ସମ୍ପର୍କୀୟ ସମୀକ୍ଷା ବୈଠକରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଏହା କହିଛନ୍ତି। ବିଦ୍ୟୁତ୍ ଉପଭୋକ୍ତାଙ୍କୁ ନିରବଚ୍ଛିନ୍ନ ତଥା ନିର୍ଭରଯୋଗ୍ୟ ବିଦ୍ୟୁତ୍ ଯୋଗାଣ ଉପରେ ଶ୍ରୀ ମାଝୀ ଗୁରୁତ୍ୱ ପ୍ରଦାନ କରିଛନ୍ତି। ଆବଶ୍ୟକସ୍ଥଳେ ନୂତନ ସବ୍‌ଷ୍ଟେସନ ପ୍ରତିଷ୍ଠା ଏବଂ ଭିତ୍ତିଭୂମିର ବିକାଶ ପାଇଁ ପଦକ୍ଷେପ ନେବାକୁ ମୁଖ୍ୟମନ୍ତ୍ରୀ କହିଛନ୍ତି। ଦ୍ରୁତ ଶିଳ୍ପାୟନ, ଆର୍ଥିକ ଅଭିବୃଦ୍ଧି ଯୋଗୁଁ ରାଜ୍ୟରେ ବିଦ୍ୟୁତ୍ ଚାହିଦା ବୃଦ୍ଧି ପାଉଛି। ବଜେଟରେ ବିଦ୍ୟୁତ୍ କ୍ଷେତ୍ର ପାଇଁ ଆବଶ୍ୟକ ବ୍ୟୟବରାଦ କରି ରାଜ୍ୟକୁ ଶକ୍ତି କ୍ଷେତ୍ରରେ ବଳକା ରଖିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଏହି ବୈଠକରେ ଉପମୁଖ୍ୟମନ୍ତ୍ରୀ ତଥା ଶକ୍ତିମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ସମେତ ଓପିଟିସିଏଲ୍ ଓ ଓଏଚ୍‌ପିସିର ବରିଷ୍ଠ ପଦାଧିକାରୀ ପ୍ରମୁଖ ଯୋଗଦେଇଥିଲେ।

***Cuttack***

## କଟକ ଜିଲ୍ଲା ହେବ ଯକ୍ଷ୍ମାମୁକ୍ତ

କଟକ ଜିଲ୍ଲାକୁ ଯକ୍ଷ୍ମାମୁକ୍ତ କରିବା ଲକ୍ଷ୍ୟରେ ଏକ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରାଯିବ। ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଗତକାଲି ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମନ୍ୱୟ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଜିଲ୍ଲାରେ ଯକ୍ଷ୍ମା ଓ କୁଷ୍ଠ ନିରାକରଣ ଏବଂ ସୁରେନ୍ଦ୍ର ସାଏ ଦିବ୍ୟଦୃଷ୍ଟି ଯୋଜନାର କାର୍ଯ୍ୟକାରିତା ନେଇ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଧେ ବୈଠକରେ ଆଲୋକପାତ କରିଥିଲେ। ଟାଙ୍ଗୀ, ତିଗିରିଆ ଏବଂ ବଡ଼ମ୍ବା ବ୍ଲକରେ କୁଷ୍ଠ ନିରାକରଣ ଅଭିଯାନ ଆରମ୍ଭ କରାଯିବ। ଆଶାକର୍ମୀ ଘରକୁ ଘର ବୁଲି ସର୍ଭେ କରିବା ସହ ୭୨ ଘଣ୍ଟା ମଧ୍ୟରେ ରିପୋର୍ଟ ଦାଖଲ କରିବାକୁ କୁହାଯାଇଛି। ବିଦ୍ୟାଳୟଗୁଡ଼ିକରେ ଛାତ୍ରଛାତ୍ରୀଙ୍କର ଚକ୍ଷୁ ପରୀକ୍ଷା ଉପରେ ଜିଲ୍ଲାପାଳ ଗୁରୁତ୍ୱ ପ୍ରଦାନ କରିଛନ୍ତି। ଚକ୍ଷୁ ପରୀକ୍ଷା ଶିବିରରେ ଶତପ୍ରତିଶତ ଛାତ୍ରଛାତ୍ରୀଙ୍କ ଉପସ୍ଥାନକୁ ସୁନିଶ୍ଚିତ କରିବାକୁ ଜିଲ୍ଲାପାଳ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ତମାଖୁ ବର୍ଜନ ନେଇ ସଚେତନତା ବୃଦ୍ଧି ଲକ୍ଷ୍ୟରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ ପାଇଁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି।

*Puri*

## ଅଁଳାନବମୀରେ ରାଧାପାଦ ଦର୍ଶନ

ପୁରୀ ସତ୍ୟବାଦୀ ସାକ୍ଷୀଗୋପୀନାଥ ମନ୍ଦିରରେ ଆସନ୍ତାକାଲି ପବିତ୍ର ଅଁଳା ନବମୀ ପାଳନ ଅବସରରେ ଶ୍ରୀରାଧାଙ୍କ ପାଦଦର୍ଶନ ନୀତି ଅନୁଷ୍ଠିତ

ହେବ। ପରମ୍ପରା ଅନୁଯାୟୀ ଶ୍ରୀରାଧା ଓଡ଼ିଆଣୀ ବେଶରେ ଦର୍ଶନ ଦେବେ। ଶ୍ରଦ୍ଧାଳୁଙ୍କ ଭିଡ଼କୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ଆନୁଷଙ୍ଗିକ ପଦକ୍ଷେପ ଗ୍ରହଣ କରାଯାଇଛି। ଉଚ୍ଚ ବୈଷୟିକ ଜ୍ଞାନକୌଶଳ ସମ୍ପନ୍ନ କଣ୍ଟ୍ରୋଲ ରୁମ୍ ସ୍ଥାପନ କରାଯାଇ ଉତ୍ସବ ସ୍ଥଳୀ ଉପରେ ତୀକ୍ଷ୍ଣ ଦୃଷ୍ଟି ରଖାଯିବାର ବ୍ୟବସ୍ଥା ହୋଇଛି। ପୁରୀ ଆରକ୍ଷୀ ଅଧିକ୍ଷକ ବିନୀତ ଅଗ୍ରୱାଲ ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ସୂଚନା ଦେଇ କହିଛନ୍ତି ସୁସଂହତ ଦର୍ଶନ ପାଇଁ ମନ୍ଦିର ସମ୍ମୁଖରେ ବ୍ୟାରିକେଡ୍ ନିର୍ମାଣ ହୋଇଛି। ମନ୍ଦିରରେ ଠାକୁରଙ୍କର ଦର୍ଶନ, ପୂଜାର୍ଚ୍ଚନା ଏବଂ ଶ୍ରଦ୍ଧାଳୁଙ୍କ ବେଢ଼ା ପରିକ୍ରମା ନେଇ ସାକ୍ଷୀଗୋପାଳ ମନ୍ଦିର ସେବାୟତ ସଂଘ କର୍ମକର୍ତ୍ତାଙ୍କ ସହ ବିସ୍ତୃତ ଆଲୋଚନା ହୋଇଥିବା ସେ ସୂଚନା ଦେଇଛନ୍ତି।

***Desk***

## ବାଲିଯାତ୍ରା ମହୋତ୍ସବ ଉଦ୍‌ଘାଟନ

କଟକର ଐତିହାସିକ ବାଲିଯାତ୍ରା ଆସନ୍ତା ୧୫ ତାରିଖରୁ ଆରମ୍ଭ ହେବ। ଏଥିପାଇଁ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ବାଲିଯାତ୍ରାରେ ପଥ ଉତ୍ସବର ଆୟୋଜନ କରାଯାଇଛି। ଏଥିରେ ଲୋକକଳା ଏବଂ ଲୋକସଂସ୍କୃତିକୁ ନେଇ ନୃତ୍ୟାଭିନୟ ସହ ଯୋଗ ଏବଂ ପ୍ରାଣାୟମ କାର୍ଯ୍ୟକ୍ରମଗୁଡ଼ିକର ଆୟୋଜନ କରାଯାଇଛି। ବାଲିଯାତ୍ରା ତଳ ପଡ଼ିଆରେ ଉଠା ଦୋକାନୀମାନେ

ଆବଶ୍ୟକ ୟୁଜର୍ସ ଫି ଦାଖଲ କରି ଚିହ୍ନଟ ସ୍ଥାନରେ ବ୍ୟବସାୟ କରିପାରିବେ। ଏଥିପାଇଁ କଟକ ସଦର ଉପଜିଲ୍ଲାପାଳଙ୍କୁ ନୋଡାଲ ଅଫିସର ଭାବେ ଦାୟିତ୍ୱ ଅର୍ପଣ କରାଯାଇଛି। ବାଲିଯାତ୍ରାକୁ ସୁବ୍ୟବସ୍ଥିତ କରିବା ଲାଗି ଚଳିତ ବର୍ଷ ପାଇଁ ଅନେକ ପଦକ୍ଷେପ ନିଆଯାଇଛି। ଗାଡ଼ି ଚଳାଚଳ ଏବଂ ଚଲାପଥକୁ ଅବରୋଧମୁକ୍ତ କରିବା ଲାଗି ୨ଟି ସ୍ୱତନ୍ତ୍ର କମିଟି ଗଠନ କରାଯାଇଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

***Desk***

## ଜାତୀୟ ଆଇନ ସେବା ଦିବସ ପାଳନ

ଜାତୀୟ ଆଇନ ସେବା ଦିବସ ଆଜି ପାଳନ କରାଯାଉଛି। ଆଇନଗତ ଅଧିକାର ସମ୍ପର୍କରେ ସଚେତନତା ସୃଷ୍ଟି ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ। ୧୯୮୭ ମସିହାରେ ଜାତୀୟ ଆଇନ ସହାୟତା ଅଧିନିୟମ ପ୍ରଣୀତ ହୋଇଥିଲା। ସେହିବର୍ଷ ଅକ୍ଟୋବର ୧୧ ତାରିଖରେ ଏହା ରାଷ୍ଟ୍ରପତିଙ୍କ ଅନୁମୋଦନ ଲାଭ କରିଥିଲା। ୧୯୯୫ ମସିହା ନଭେମ୍ବର ୯ ତାରିଖରେ ସୁପ୍ରିମକୋର୍ଟଙ୍କ ଦ୍ୱାରା ପ୍ରଥମେ ଏହି ଦିବସ ପାଳନ କରାଯାଇଥିଲା। ଆଇନଗତ ଅଧିକାର ସମ୍ପର୍କରେ ଲୋକଙ୍କୁ ପ୍ରୋତ୍ସାହନ ପ୍ରଦାନ ପାଇଁ ଆଜି ବିଭିନ୍ନ ସ୍ଥାନରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମମାନ ଆୟୋଜିତ ହୋଇଛି।

ରାୟଗଡ଼ା ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଏକ ସଚେତନତା ଶୋଭାଯାତ୍ରା ରାୟଗଡା ସହର ପରିକ୍ରମା କରିଛି। ଜିଲ୍ଲା ଦୌରାଜଜ୍ ତଥା ଜିଲ୍ଲା ଆଇନସେବା ପ୍ରାଧିକରଣର ଅଧ୍ୟକ୍ଷ ସତ୍ୟନାରାୟଣ ଷଡ଼ଙ୍ଗୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲାସ୍ତରୀୟ ବିଚାରବିଭାଗୀୟ ଅଧିକାରୀ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ ଏବଂ ଛାତ୍ରଛାତ୍ରୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଜିଲ୍ଲାଜଜ୍ ଶ୍ରୀ ଷଡ଼ଙ୍ଗୀ ଦିବସ ପାଳନର ଆଭିମୁଖ୍ୟ ଏବଂ ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ।

***Nayagarh***

## ନୟାଗଡ଼ ଜିଲ୍ଲାରେ ଆଳୁ ମିଶନ

ନୟାଗଡ଼ ଜିଲ୍ଲାରେ ଆଳୁ ମିଶନ କାର୍ଯ୍ୟକ୍ରମର ସଫଳ କାର୍ଯ୍ୟାନ୍ୱୟନ ଲକ୍ଷ୍ୟରେ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଛି। ଚଳିତ ବର୍ଷ ଜିଲ୍ଲାରେ ୩୭୫ ହେକ୍ଟର ଜମିରେ ଆଳୁଚାଷ ପାଇଁ ଲକ୍ଷ୍ୟ ରଖାଯାଇଛି। ଏଥିପାଇଁ ଚାଷୀଙ୍କ ପାଖରେ ବିହନ ଠିକ୍ ସମୟରେ ପହଞ୍ଚାଇବା ସହ କୃଷି ସମ୍ପର୍କିତ ଅନ୍ୟାନ୍ୟ ସୁବିଧା ସୁଯୋଗ ପ୍ରଦାନ ପାଇଁ ବୈଠକରେ ବିସ୍ତୃତ ଆଲୋଚନା ହୋଇଛି। ଅମଳ ପରବର୍ତ୍ତୀ ଆହ୍ୱାନଗୁଡ଼ିକର ସମାଧାନ ପାଇଁ ମଧ୍ୟ ବୈଠକରେ ମତବିନିମୟ ହୋଇଛି। ଉଦ୍ୟାନ କୃଷି ବିଭାଗ ସହାୟତାରେ ଆୟୋଜିତ

ଏହି ବୈଠକରେ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ପଦାଧିକାରୀ ଯୋଗଦେଇଥିଲେ ।

***Kalahandi***

## ଡାକଟିକେଟ ପ୍ରଦର୍ଶନୀ ଉଦ୍‌ଘାଟିତ

କଳାହାଣ୍ଡି ଜିଲ୍ଲା ଡାକ ଡିଭିଜନ ପକ୍ଷରୁ ବ୍ରଜମୋହନ ହାଇସ୍କୁଲଠାରେ ଦୁଇଦିନିଆ ଡାକ ଟିକେଟ ପ୍ରଦର୍ଶନୀ ଉଦ୍‌ଘାଟିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଜିଲ୍ଲାର ଡାକ ଅଧିକ୍ଷକ ସୁଶାନ୍ତ କୁମାର ପାଣିଗ୍ରାହୀ ସଭାପତିତ୍ୱ କରିଥିବା ବେଳେ ବିଭାଗର ଅନ୍ୟ କର୍ମଚାରୀମାନେ ଯୋଗଦେଇଥିଲେ । ଭାରତୀୟ ଡାକସେବା ବିଗତ ୭ ଦଶନ୍ଧିରୁ ଉର୍ଦ୍ଧ୍ୱ ସମୟ ଧରି ଦେଶବାସୀଙ୍କୁ ଡାକସେବା ଯୋଗାଇ ଆସୁଛି । ଦେଶର ଇତିହାସରୁ ଆରମ୍ଭ କରି ବିଭିନ୍ନ ଐତିହାସିକ ଓ ସାଂସ୍କୃତିକ ସ୍ମାରକୀଗୁଡ଼ିକୁ ଡାକଟିକେଟରେ ସ୍ଥାନିତ କରାଯାଇଛି । ଏଣୁ ଡାକ ଟିକେଟ ସଂଗ୍ରହ ପ୍ରତି ଛାତ୍ରଛାତ୍ରୀ ଓ ଯୁବବର୍ଗଙ୍କୁ ଆକୃଷ୍ଟ ପାଇଁ ଅତିଥିମାନେ ଆହ୍ୱାନ ଦେଇଥିଲେ ।

***Bhadrak***

## ଭଦ୍ରକ ଜିଲ୍ଲାରେ କାଳୀମେଢ଼ ଭସାଣ

ଭଦ୍ରକ ଜିଲ୍ଲାରେ ଗତକାଲି କାଳୀମେଢ ଭସାଣ ସମାରୋହ ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ ହୋଇଛି । ଜିଲ୍ଲାର ୭ଟି ଯାକ ବ୍ଲକ ଏବଂ

ଗ୍ରାମାଞ୍ଚଳର ୪୦ରୁ ଊର୍ଦ୍ଧ୍ୱ ମୃଣ୍ମୟୀ ମୂର୍ତ୍ତିକୁ ଶୋଭାଯାତ୍ରାରେ ନିଆଯାଇ ବୈତରଣୀ, ସାଳନ୍ଦୀ ତଥା ସ୍ଥାନୀୟ ପୋଖରୀ ଏବଂ କେନାଲରେ ବିସର୍ଜନ କରାଯାଇଛି ।